# ଦେଶର ତୃତୀୟ ପ୍ରଦୂଷିତ ସହର ଲକ୍ଷ୍ନୌ



**ଲକ୍ଷ୍ନୌ :** ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ବାୟୁମଣ୍ଡଳରେ ପ୍ରଦୂଷଣ ମାତ୍ରା ବଢ଼ିଯାଇଛି । ଏବେ ଲକ୍ଷ୍ନୌରେ ବାୟୁମଣ୍ଡଳରେ ବାୟୁର ଗୁଣବତ୍ତା ସୂଚକାଙ୍କ ୩୦୦ ଅତିକ୍ରମ କରିଛି । ବୁଧବାର ଦିନ କେନ୍ଦ୍ର ସରକାରଙ୍କ ପ୍ରଦୂଷଣ ବୋର୍ଡ ସାତୋଟି ସହରର ବାୟୁମଣ୍ଡଳର ସର୍ଭେ କରି ଗୁଣବତ୍ତା ପ୍ରକାଶ କରିଛି । ଯେଉଁଥିରେ ଲକ୍ଷ୍ନୌରେ ଏୟାର କ୍ୱାଲିଟି ଇଣ୍ଡେକ୍ସ ୩୨୮ ରହିଛି । ଯାହାକି ସର୍ବାଧିକ ପ୍ରଦୂଷଣ ଶ୍ରେଣୀରେ ରହିଛି । ଦେଶରେ ସାତୋଟି ସହରର ବାୟୁମଣ୍ଡଳ ସୂଚକାଙ୍କ ୩୦୦ ଉପରେ ରହିଥିବା ଜଣାପଡ଼ିଛି । ଏହି ସାତୋଟି ମଧ୍ୟରୁ ୟୁପିର ତିନୋଟି ରହିଛି । ଲକ୍ଷ୍ନୌ ବ୍ୟତୀତ ମେରୁଟ୍ ଏବଂ ବାଘପତ ସହର ରହିଛି । ପରିବେଶବିତ୍ କହିଛନ୍ତି, ୟୁପିରେ ୯୬ଟି ଫ୍ଲାଏ ଓଭର ବ୍ରିଜ୍ ଏବେ ନିର୍ମାଣଧୀନ ରହିଛି । ଗାଡ଼ି ଚଳାଚଳ ସହିତ ମେସିନ ଆଦି ନିର୍ମାଣ କାମରେ ବ୍ୟବହୃତ ହେଉଥିବାରୁ ପ୍ରଦୂଷଣ ମାତ୍ରା ବଢ଼ିଛି । ଅନ୍ୟପଟେ ଏବେ ପାର୍ବଣ ସମୟ ସହିତ ପାଣିପାଗ ପାଇଁ ପ୍ରଦୂଷଣର ମାତ୍ରା ବଢ଼ିଛି ବୋଲି ଜଣାପଡ଼ିଛି । ତାପମାତ୍ରା କମିବା ପରେ ବାୟୁମଣ୍ଡଳରେ ଥିବା ଧୂଳିକଣା ତଳକୁ ଖସି ପଡ଼ିବ ବୋଲି କୁହାଯାଇଛି । ଏହାପରେ ପ୍ରଦୂଷଣ ମାତ୍ରା କମିବ ବୋଲି ଜଣାପଡ଼ିଛି । ଅନ୍ୟପଟେ ଆଗକୁ ଶୀତ ଋତୁ ଆସୁଛି । ଏହି ସମୟରେ ପ୍ରଦୂଷଣ ମାତ୍ରା ଆହୁରି ଖରାପ ହେବ ବୋଲି କୁହାଯାଉଛି ।

# ଥର୍ ମରୁଭୂମିରେ ନଦୀର ସନ୍ଧାନ



**ଜୟପୁର :** ରାଜସ୍ଥାନ ଥର୍ ମରୁଭୂମିରେ ପ୍ରବାହିତ ହେଉଥିବା ଏକ ନଦୀର ସନ୍ଧାନ ମିଳିଛି । ବିକାନେର୍ ନିକଟରେ ଷ୍ଟୋନ୍ ଏଜ୍ ସମୟରେ ନଦୀ ପ୍ରବାହିତ ହେଉଥିଲା । ଏସମ୍ପର୍କିତ ରିପୋର୍ଟ କ୍ୱାର୍ଟେନାରୀ ସାଇନ୍ସ ରିଭ୍ୟୁ ପତ୍ରିକାରେ ପ୍ରକାଶ ପାଇଛି । ପୂର୍ବରୁ ଜର୍ମାନୀର ମାକ୍ସ ପ୍ଲାଙ୍କ ଇନଷ୍ଟିଚ୍ୟୁଟର ଗବେଷକଙ୍କ ଦ୍ୱାରା ହୋଇଥିବା ଗବେଷଣା ରିପୋର୍ଟରେ ଦର୍ଶାଯାଇଥିଲା ଯେ, ୮୦ ହଜାର ବର୍ଷ ତଳେ ଏଠାରେ ନଦୀ ପ୍ରବାହିତ ହେଉଥିଲା । ସେହିପରି ଚେନ୍ନାଇର ଆନ୍ନା ବିଶ୍ୱବିଦ୍ୟାଳୟ ଏବଂ କୋଲକାତାର ଆଇଆଇଏସ୍‌ଇଆର୍ ପକ୍ଷରୁ ବିକାନେର୍‌ର ନାଲ୍ ଗାଁରେ ଗବେଷଣା କରାଯାଇ ଏସମ୍ପର୍କିତ ତଥ୍ୟ ହାସଲ କରାଯାଇଥିଲା । ୨୦୧୪ରୁ ୨୦୧୯ ମଧ୍ୟରେ ଏହି ଗବେଷଣା କରାଯାଇଥିଲା । ଆନ୍ନା ବିଶ୍ୱବିଦ୍ୟାଳୟର ପ୍ରଫେସର ହେମା ଅଚ୍ୟୁଥାନଙ୍କ ଅନୁସାରେ ଏଠାରେ ପ୍ରବାହିତ ହେଉଥିବା ନଦୀ କାଳକ୍ରମେ ବାଲୁକା ସ୍ତୁପ ଦ୍ୱାରା ପୋତି ହୋଇଥିଲା ।

# ଇମ୍ରାନଙ୍କ ବିରୋଧରେ ଏକାଠି ହେଲେ ୧୧ ବିରୋଧୀ ଦଳ

**କରାଚି :** ପାକିସ୍ତାନ ସରକାର ଏବଂ ସେନା ବିରୋଧରେ ଏବେ ବିଦ୍ରୋହ ଆରମ୍ଭ ହୋଇଯାଇଛି । ଇମ୍ରାନ ସରକାରଙ୍କ ପାଇଁ ଏବେ ସବୁଠାରୁ ବଡ଼ ରାଜନୈତିକ ସଙ୍କଟ ଉପୁଜିଛି । ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ଇସ୍ତଫା ଦାବିରେ ଏବେ ସବୁ ବିରୋଧୀ ଦଳ ଏକଜୁଟ୍ ହୋଇଛନ୍ତି । ଇମ୍ରାନଙ୍କ ଇସ୍ତଫା ଦାବି କରି ସେମାନେ ଏକ ବିଶାଳ ରାଲି କରିଛନ୍ତି । ନିକଟରେ ସେମାନେ ସେନା ବିରୋଧରେ ବି ମୁହଁ ଖୋଲିବା ସହ ଗତ ନିର୍ବାଚନକୁ ସେନାଦ୍ୱାରା ପରିଚାଳିତ ଏକ ଅନୈତିକ ନିର୍ବାଚନ ବୋଲି କହିଛନ୍ତି । ତେବେ ପାକିସ୍ତାନରେ ଏବେ ଏକ ହାଇ ପ୍ରୋଫାଇଲ୍ ଅପହରଣ ଘଟଣାକୁ ନେଇ ଉଭୟ ସରକାର ଏବଂ ସେନା ଅଡୁଆରେ ପଡ଼ି ଯାଇଛନ୍ତି । ପାକିସ୍ତାନରେ ସିନ୍ଧ ପ୍ରଦେଶ ପୋଲିସ ମୁଖ୍ୟଙ୍କୁ ରେଞ୍ଜର୍ସଙ୍କ ଦ୍ୱାରା ଅପହରଣ କରିନିଆଯାଇଛି ବୋଲି ଅଭିଯୋଗ ହୋଇଛି । ପାକ୍ ଅର୍ଦ୍ଧସାମରିକ ବଳ ସିନ୍ଧ୍ ପ୍ରଦେଶ ଆଇଜିପି ମୁସ୍ତାକ୍ ଅହମ୍ମଦ ବାସଭବନରେ ଚଢ଼ଉ କରିଥିଲା । ସେମାନେ ଆଇଜିପିଙ୍କୁ ଅପହରଣ କରିନେଇଥିଲେ ଏବଂ ବିରୋଧୀ ନେତା ସଫଦାର ଆହ୍ୱାନ୍, ମୁସ୍ତାଫା ନୱାଜ୍ ଖୋକରଙ୍କୁ ଗିରଫ କରିବା ପାଇଁ ଏକ ନିର୍ଦ୍ଦେଶରେ ସ୍ୱାକ୍ଷର କରିବାକୁ ବାଧ୍ୟ କରିଥିଲେ ବୋଲି ଅଭିଯୋଗ ହୋଇଛି । ତେବେ ସିନ୍ଧ୍ ପ୍ରଦେଶ ପୋଲିସ ଏହି ଘଟଣାକୁ ଜୋରଦାର୍ ବିରୋଧ କରି ରାସ୍ତାକୁ ଓହ୍ଲାଇଛି । ସେମାନେ ଏହି ଘଟଣା ପାଇଁ ପାକ୍‌ସେନା ବିରୋଧରେ ଖୋଲା ବିଦ୍ରୋହ କରିଛନ୍ତି । ସିନ୍ଧ୍ ପ୍ରଦେଶର ସମସ୍ତ ପୋଲିସ ଅଧିକାରୀ ସାମୂହିକ ଛୁଟି ଆବେଦନ କରିଛନ୍ତି । ସିନ୍ଧ୍ ପ୍ରଦେଶ ଆଇଜିପି ଅପହରଣ ଘଟଣାକୁ ନେଇ ବିବାଦ ଜଟିଳ ହେଉଥିବାରୁ ସେନା ସମର୍ଥିତ ପାକିସ୍ତାନ ସରକାର ଏବେ ଏହାକୁ ଚପାଇବା ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରୁଛନ୍ତି । ଅନ୍ୟପକ୍ଷେ ସେନାମୁଖ୍ୟ କମର ଜାଭେଦ ବଜ୍‌ୱା ଉକ୍ତ ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।





ତେବେ ପାକିସ୍ତାନରେ ଏହି ଆନ୍ଦୋଳନ ଓ ବିକ୍ଷୋଭ ପାଇଁ ଇମ୍ରାନ ଖାନ୍ ସରକାର ଖୁବ୍ ଚାପରେ ଅଛନ୍ତି । ଇମ୍ରାନଙ୍କ ଇସ୍ତଫା ଦାବି କରି ପ୍ରାୟ ୧୧ଟି ବିରୋଧୀ ଦଳ ମେଣ୍ଟ କରିଛନ୍ତି ଏବଂ ସେମାନେ ନିକଟରେ ଦୁଇଟି ବିଶାଳ ରାଲି କରି ସରକାରରେ କମ୍ପନ ସୃଷ୍ଟି କରିଛନ୍ତି । ସିନ୍ଧ୍ ଆଇଜିପି ମୁସ୍ତାକକ୍ ମେହରଙ୍କୁ ଅପହରଣ କରିନିଆଯାଇଥିବା ଅଭିଯୋଗ ହେବା ପରେ ଏହାକୁ ନେଇ ବିଭିନ୍ନ ସ୍ଥାନରେ ତୀବ୍ର ଉତ୍ତେଜନା ଓ ହିଂସା ଲାଗି ରହିଛି ।

# ଜମ୍ମୁ କଶ୍ମୀରରେ ବଦଳିଲା ପଞ୍ଚାୟତରାଜ୍ ଆଇନ୍

**ନୂଆଦିଲ୍ଲୀ :** ଜମ୍ମୁ କଶ୍ମୀରର ପଞ୍ଚାୟତରାଜ ଅଧିନିୟମ, ୧୯୮୯ର ସଂଶୋଧନ କରିଛନ୍ତି କେନ୍ଦ୍ର ସରକାର । ବୁଧବାର କେନ୍ଦ୍ର କ୍ୟାବିନେଟ୍‌ରେ ଏହି ସଂଶୋଧନ ହୋଇଛି । ତେବେ ଏହି ନୂଆ ନିୟମ ଅକ୍ଟୋବର ୧୬ ପାଖରୁ ଲାଗୁ ହୋଇସାରିଛି । ଏହି ପଞ୍ଚାୟତ ରାଜ ଅଧିନିୟମ ସଂଶୋଧନ ପରେ ବର୍ତ୍ତମାନ ଜିଲ୍ଲା ବିକାଶ ପରିଷଦ ଗଠନ କରାଯିବ । କେନ୍ଦ୍ର ସରକାର କହିଛନ୍ତି ଯେ ଏହା ଦ୍ୱାରା କ୍ଷମତା କେବଳ କିଛି ଲୋକଙ୍କ ପାଖରେ ନୁହେଁ ବରଂ ସମସ୍ତଙ୍କ ପାଖରେ ରହିବ ବୋଲି କେନ୍ଦ୍ର ସରକାର କହିଛନ୍ତି । ଏଣିକି ଜିଲ୍ଲା ବିକାଶ ପରିଷଦର ସଦସ୍ୟମାନେ ସିଧାସଳଖ ଏହି କେନ୍ଦ୍ର ଶାସିତ ଅଞ୍ଚଳର ଭୋଟରଙ୍କ ଦ୍ୱାରା ନିର୍ବାଚିତ ହେବେ । ଦେଶର ଅନ୍ୟ ସ୍ଥାନ ପରି ତ୍ରିସ୍ତରୀୟ ବ୍ୟବସ୍ଥା ହେବ । ଯେଉଁଥିରେ ଜିଲ୍ଲା, ବ୍ଲକ ଏବଂ ଗାଁ ସ୍ତରରେ ବ୍ୟବସ୍ଥା ରହିବ । କେନ୍ଦ୍ର ସୂଚନା ତଥା ପ୍ରସାରଣ ମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେ ଦେଶର ଅନ୍ୟ ଅଂଶ ପରି ଜମ୍ମୁ କଶ୍ମୀରରେ ତୃଣମୂଳ ସ୍ତରରେ ଗଣତନ୍ତ୍ରର ତିନୋଟି ସ୍ତର ପ୍ରତିଷ୍ଠା କରିବାରେ ଏହା ନୂଆ ଅଧିନିୟମ ସହାୟକ ହେବ । ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ହେବା ପରେ ସେଠାରେ କେନ୍ଦ୍ର ସରକାର ଅନେକ ଜନକଲ୍ୟାଣ ଆଇନ୍ ଆରମ୍ଭ ହୋଇଛି । ଗତ ସପ୍ତାହରେ ଜମ୍ମୁ କଶ୍ମୀରରେ ସମଗ୍ର ଦେଶରେ ଥିବା ତିନି ସ୍ତରୀୟ ପଞ୍ଚାୟତ ସମିତିର ଆଇନ୍ ମଧ୍ୟ ଲାଗୁ ହୋଇଥିଲା । ତେବେ ଜନକଲ୍ୟାଣର ଅନେକ ନିୟମ ଭାରତରେ ମଧ୍ୟ ପ୍ରଯୁଜ୍ୟ ନୁହେଁ । ବର୍ତ୍ତମାନ ଜିଲ୍ଲା ବିକାଶ ପରିଷଦକୁ ସିଧାସଳଖ ନିର୍ବାଚନ ମାଧ୍ୟମରେ ଲୋକ ପ୍ରତିନିଧିଙ୍କ ହାତରେ ଏହି ନିର୍ବାଚନ ଅନୁଷ୍ଠିତ ହେବ । ଲୋକମାନେ ବର୍ତ୍ତମାନ ନିର୍ବାଚନରୁ ସେମାନଙ୍କ ପ୍ରତିନିଧି ବାଛି ପାରିବେ ବୋଲି ଜାଭଡେକର କହିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ଏହି ବ୍ୟବସ୍ଥା ଲାଗୁ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ କରି ଦେଖାଇଛନ୍ତି ବୋଲି ସେ କହିଛନ୍ତି । ଏହା ଗଣତାନ୍ତ୍ରିକ ପ୍ରକ୍ରିୟାକୁ ମଜବୁତ କରିବ । ଲୋକମାନେ କ୍ଷମତା ବାଛିବେ ବୋଲି ସେ କହିଛନ୍ତି ।



# ଆସନ୍ତା ସପ୍ତାହରେ ଭାରତ - ଆମେରିକା ୨ +୨ କଥାବାର୍ତ୍ତା



**ନୂଆଦିଲ୍ଲୀ :** ଭାରତ ଏବଂ ଆମେରିକା ଆସନ୍ତା ସପ୍ତାହରେ ନୂଆଦିଲ୍ଲୀରେ ସେମାନଙ୍କ ୨+୨ ମନ୍ତ୍ରୀସ୍ତରୀୟ ବୈଠକ କରିବେ । କରୋନା ମହାମାରୀ ସତ୍ତ୍ୱେ ଆମେରିକା ବିଦେଶ ସଚିବ ମାଇକ୍ ପମ୍ପିଓ ଏବଂ ଆମେରିକା ପ୍ରତିରକ୍ଷା ମୁଖ୍ୟ ମାଇକ୍ ଏସ୍ପର ନୂଆଦିଲ୍ଲୀ ଗସ୍ତ କରିବେ । ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଏହି ୨+୨ ଆଲୋଚନା ବୈଠକରେ ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଯୋଗଦେବେ । ଆମେରିକା ପ୍ରତିରକ୍ଷା ମୁଖ୍ୟ ଏସ୍‌ପର ଆସନ୍ତା ସପ୍ତାହର ଆଲୋଚନାକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କହିଛନ୍ତି । ଏସ୍‌ପର କହିଛନ୍ତି ଭାରତରେ ଏହା ସେମାନଙ୍କ ତୃତୀୟ ୨+୨ ବୈଠକ । ପ୍ରଥମ ୨+୨ ବୈଠକ ୨୦୧୮ରେ ଭାରତରେ ହୋଇଥିଲା ଏବଂ ଦ୍ୱିତୀୟ ୨+୨ ଆଲୋଚନା ବୈଠକ ୨୦୧୯ରେ ୱାଶିଂଟନରେ ହୋଇଥିଲା ।

# ବାଲାକୋଟରେ ଆତଙ୍କବାଦୀଙ୍କ କଣ୍ଟ୍ରୋଲ ରୁମ୍

**ଶ୍ରୀନଗର :** ପାକିସ୍ତାନ ସୈନ୍ୟ ବିଭାଗ ପକ୍ଷରୁ ପୁଣି ଥରେ ବାଲାକୋଟରେ ଆତଙ୍କବାଦୀଙ୍କ ପାଇଁ କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯାଇଛି । ମୁଜାଫରାବାଦ ଦେଇ ଭାରତରେ ଅନୁପ୍ରବେଶ କରିବାକୁ ଆତଙ୍କବାଦୀଙ୍କୁ ପାକିସ୍ତାନ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଭାରତ ପକ୍ଷରୁ କରାଯାଇଥିବା ବାଲାକୋଟ ଏୟାର ଷ୍ଟ୍ରାଇକ୍ ପରେ ଏଠାରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ହଟାଇ ନିଆଯାଇଥିଲା । ତେବେ ପୁଣି ଥରେ ଏଠାରେ ଜୈଶ-ଇ-ମହମ୍ମଦ ଆତଙ୍କବାଦୀ ତାଲିମ୍ କାର୍ଯ୍ୟ ଜୋର୍ ସୋରରେ ଆରମ୍ଭ ହୋଇଛି । ଜୈଶ୍ କମାଣ୍ଡର ଜୁବେର୍ ଆତ୍ମଘାତୀ ଆକ୍ରମଣ ସମ୍ପର୍କରେ ଆତଙ୍କବାଦୀ ସଦସ୍ୟଙ୍କୁ ଆବଶ୍ୟକ ତାଲିମ୍ ଦେବା ଜାରି ରଖିଥିବା ଭାରତୀୟ ଗୋଇନ୍ଦା ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।



ଭାରତ ବିଭିନ୍ନ ଅଞ୍ଚଳରେ ବଡ଼ ଧରଣର ଆତ୍ମଘାତୀ ଆକ୍ରମଣ କରାଇବା ଲାଗି ଷଡ଼ଯନ୍ତ୍ର କରାଯାଉଥିବା ଗୋଇନ୍ଦା ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଆଫଗାନିସ୍ତାନୀରୁ ଆତଙ୍କବାଦୀମାନଙ୍କୁ ଧୀରେ ଧୀରେ ଜମ୍ମୁ କଶ୍ମୀର ଆଡ଼କୁ ମୁହାଁଇବା ଲାଗି ନିର୍ଦ୍ଦେଶ ଦିଆଯାଇଛି । ମୁଜାଫରବାଦର ସୱାଇ ନାଲାରେ ଜୈଶ୍‌ର କାର୍ଯ୍ୟାଳୟ ମାଧ୍ୟମରେ ଆତଙ୍କବାଦୀଙ୍କୁ ବିଭିନ୍ନ ପ୍ରକାର ଆକ୍ରମଣ ପାଇଁ ପ୍ରସ୍ତୁତ କରାଯାଉଛି । ଆତଙ୍କବାଦୀ ସଦସ୍ୟଙ୍କୁ ଅଲ୍ ରହମତ୍ ଟ୍ରଷ୍ଟ ଦ୍ୱାରା ତାଲିମ୍ ସମୟରେ ଆବଶ୍ୟକ ପାଣ୍ଠି ଯୋଗାଇ ଦିଆଯାଉଥିବା ରିପୋର୍ଟରେ ଦର୍ଶାଯାଇଛି ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

**ଭୁବନେଶ୍ୱର(ବ୍ୟୁରୋ):** ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି । କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି । କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି । ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି । ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ୍ୟ ବଢ଼ାଇ ଦିଆଯାଇଛି । କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ୍ୟ ଯୋଗାଇ ଦିଆଯାଇଛି । ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି । ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି । ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି । ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି । ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି । କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି । ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି । ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି । ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି । ପିଲିଂ ରିଙ୍ଗ୍‌ର ମାର୍କେଟ ଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି । ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି । ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ । କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି ।

## ଟୟୋଟା କିଲୋସ୍କର ମୋଟର ବ୍ୟାଙ୍କ ଅଫ୍ ବରୋଦା ସହିତ ମିଳିତ ହୋଇ

# ଗ୍ରାହକ ଏବଂ ଡିଲରଙ୍କୁ ଫାଇନାନ୍ସ ସୁବିଧା ଯୋଗାଇଦେବ

**ଭୁବନେଶ୍ୱର(ବ୍ୟୁରୋ):** ଟୟୋଟା କିଲୋସ୍କର ମୋଟର ଗ୍ରାହକ ଏବଂ ଡିଲରଙ୍କୁ ଫାଇନାନ୍ସାସ୍ ସୁବିଧା ଯୋଗାଇଦେବା ପାଇଁ ବ୍ୟାଙ୍କ ଅଫ୍ ବରୋଦା ସହିତ ମିଳିତ ହୋଇଛି । ଏହି ଚୁକ୍ତି ଅଂର୍ଗତ ଏଣିକି ଭାରତରେ ଛୋଟ ସହର ସମେତ ଅନ୍ୟ ସହରରେ ଗ୍ରାହକ ଏହି ସୁବିଧା ହାସଲ କରିପାରିବେ । ଟୟୋଯାର ସମସ୍ତ ଯାନ ଉପରେ ଏହି ସୁବିଧା ଯୋଗାଇ ଦିଆଯିବ । ଗ୍ରାହକଙ୍କ ୯୦ ପ୍ରତିଶତ ଫାଇନାନ୍ସ ସୁବିଧା ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ପ୍ରଦାନ କରାଯିବ । ଏହାର ଦୀର୍ଘ ମିଆଦି ରିପେମେଂଟ୍ ସମୟ ସୀମା ୮୪ ମାସ ରହିବ । ସୁହାଇଲା ଭଳି ସୁଧହାରରେ ଏହି ଫାଇନାନ୍ସ ଯୋଗାଇ ଦିଆଯିବ । ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମୂରଲୀ ରାମସ୍ୱାମୀ କହିଲେ, ଭାରତର ଅଗ୍ରଣୀ ପାସେର ଯାନ କମ୍ପାନୀ ସହିତ ଆମର ବୁଝାମଣା ହୋଇଥିବାରୁ ଆମେ ବେଶ୍ ଉତ୍ସାହିତ । ଏହା ଦ୍ୱାରା ଅଟୋମୋବାଇଲ ଡିଲରଙ୍କ ସହିତ ଆରମ୍ଭ ସମ୍ପର୍କ ବୃଦ୍ଧି ପାଇପାରିବ । ଦେଶରେ ବିଭିନ୍ନ ଶାଖାରେ ଆମେ ଏହି ସୁବିଧା ଉପଲବ୍ଧ କରାଇବୁ । ସପ୍ଲାଏ ଚେନ୍ ଫାଇନାନ୍ସରେ ଏହା ଯୋଗୁ ଆମର ସ୍ଥିତି ସୁଦୃଢ଼ ହୋଇପାରିବ । ଏହା ସହିତ ଟୟୋଟାର କାରବାର ମଧ୍ୟ ବୃଦ୍ଧି ହୋଇପାରିବ । ଏହି ଅବସରରେ ବ୍ୟାଙ୍କ ଅଫ୍ ବରୋଦା କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ ବିକ୍ରମାଦିତ୍ୟ ସିଂ ଖିଚି କହିଲେ, ଟୟୋଟା କିଲୋସ୍କର ମୋଟର ପ୍ରା.ଲିଃ. ସହିତ ଆମେ ଅଟୋ ଲୋନ୍ ଚୁକ୍ତି କରିଥିବାରୁ ବିଶେଷ ଆନନ୍ଦିତ । ଏହା ଦ୍ୱାରା ରିଟେଲ ଅଟୋ ଫାଇନାନ୍ସ ବ୍ୟବସାୟରେ ଆମର ସ୍ଥିତି ସୁଦୃଢ଼ ହୋଇ ପାରିବାର ଆଶା ରହିଛି । ଏହା ଦ୍ୱାରା ଗ୍ରାହକ ଉପକୃତ ହୋଇପାରିବେ । ଦେଶବ୍ୟାପି ଆମର ୯୦୦୦ରୁ ଅଧିକ ଶାଖା ମାଧ୍ୟମରେ ଆମେ ଗ୍ରାହକଙ୍କ ଫାଇନାନ୍ସ ସୁବିଧା ଯୋଗାଇ ଦେବୁ । ଏହି ଚୁକ୍ତି ଦ୍ୱାରା ଟୟୋଟା ଏବଂ ବ୍ୟାଙ୍କ ଅଫ୍ ବରୋଦା ଉଭୟଙ୍କର କାରବାର ବୃଦ୍ଧି ପାଇବାର ଆଶା ରହିଛି । ଏହି ଅବସରରେ ଟୟୋଟା କିଲୋସ୍କର ମୋଟର ପ୍ରା.ଲିଃ.ର ସେଲ୍ସ ଆଣ୍ଡ୍ ସର୍ଭିସ୍ ବରିଷ୍ଠ ଉପସଭାପତି ନବୀନ ସୋନୀ କହିଲେ, ଏହି ଚୁକ୍ତି ଦ୍ୱାରା ଆମେ ଗ୍ରାହକ ଏବଂ ଡିଲରଙ୍କୁ ଚିଂାମୁକ୍ତ ଫାଇନାନ୍ସ ସୁବିଧା ସହଜରେ ଯୋଗାଇ ପାରିବୁ । ଚିଛିଦିନ ତଳେ ଆମେ ବି-ସେଗ୍‌ମେଂଟ୍ ଯାନ ମଧ୍ୟରେ ଟୟୋଟା ଅର୍ବାନ୍ କ୍ରୁଏଜର୍‌ର ବଜାର ପ୍ରବେଶ କରାଇଥିଲୁ । ଏବେ ଫାଇନାନ୍ସ ସୁବିଧା ମଧ୍ୟ ଆମେ ଗ୍ରାହକ ଏବଂ ଡିଲରମାନଙ୍କ ପାଇଁ ନେଇଆସିଛୁ । ଏହି ସୁବିଧା ଦେଶର ଦ୍ୱିତୀୟ ଏବଂ ତୃତୀୟ ଶ୍ରେଣୀ ସହରରେ ମଧ୍ୟ ଉପଲବ୍ଧ ହେବ । ଟୟୋଟା ସବୁବେଳେ ଗ୍ରାହକଙ୍କୁ ନୂଆ ନୂଆ ଅଭିଜ୍ଞତା ପ୍ରଦାନ କରିବାର ପ୍ରୟାସ କରିଥାଏ । ସହଜ ଫାଇନାନ୍ସ ସୁବିଧା ସହିତ କମ୍ପାନୀ ପୁରୁଣା ଯାନ ବିକ୍ରି ଏବଂ ଗ୍ରାହକ ସେବା କ୍ଷେତ୍ରରେ ବିଶେଷ ଖ୍ୟାତି ହାସଲ କରିପାରିଛି । ଏହି ଫାଇନାନ୍ସ ସୁବିଧା ଦେଶବ୍ୟାପି ବ୍ୟାଙ୍କ ଅଫ୍ ବରୋଦାର ସମସ୍ତ ଶାଖାରେ ଉପଲବ୍ଧ ହେବ ।

# ଟାଟା ମୋଟର୍ସ ପକ୍ଷରୁ ଆକର୍ଷଣୀୟ ଅଫର




**ଭୁବନେଶ୍ୱର(ବ୍ୟୁରୋ):** ଚଳିତ ଦୁର୍ଗା ପୂଜାରେ ଗ୍ରାହକଙ୍କ ଆନନ୍ଦଙ୍କୁ ଦୁଇଗୁଣିତ କରିବା ପାଇଁ ଭାରତର ଅଗ୍ରଣୀ ଅଟୋମେଟିଭ ବ୍ରାଣ୍ଡ, ଟାଟା ମୋଟର୍ସ ପକ୍ଷରୁ ଆକର୍ଷଣୀୟ ଫାଇନାନ୍ସିଂ ବିକଳ୍ପର ଘୋଷଣା କରାଯାଇଛି । ବଛା ବଛା ମଡେଲଗୁଡ଼ିକ ଉପରେ ୭୦,୦୦୦ଟଙ୍କା ପର୍ଯ୍ୟନ୍ତର ଲାଭ, ଷ୍ଟେପ ଅପ୍ ଯୋଜନା ଅନୁଯାୟୀ (ଉତ୍ପାଦ ଏବଂ ଭାରିଆଂଟ ଉପରେ ନିର୍ଭରଶୀଳ) ପ୍ରତି ମାସକୁ ଏକ ଲକ୍ଷ ପିଛା ସର୍ବନିମ୍ନ ୭୫୦ଟଙ୍କାରୁ ଆରମ୍ଭ ଇଏମଆଇ ବିକଳ୍ପ, ରୋଡ ଫାଇନାନ୍ସିଂ ଉପରେ ୧୦୦ % ପର୍ଯ୍ୟନ୍ତ ଏବଂ ୭ ବର୍ଷ ପର୍ଯ୍ୟନ୍ତର ଅବଧି ଭଳି କେତେକ ଅଫର ଗୁଡ଼ିକ ସହିତ ଟାଟା ମୋଟର୍ସ ନିଜ ଗ୍ରାହକଙ୍କୁ ସେମାନଙ୍କ ଘରକୁ ଭାରତର ସବୁଠାରୁ ସୁରକ୍ଷିତ ରେଞ୍ଜର ଯାତ୍ରୀବାହୀ ଯାନ ନେଇଆଣିବାରେ ସାହାଯ୍ୟ କରିବା ଦିଗରେ ନିରନ୍ତର ଭାବେ କାର୍ଯ୍ୟ କରୁଛି । ଟାଟା ମୋଟର୍ସର ଅଲ୍‌ଟ୍ରୋଜ, ଟିଆଗୋ, ଟାଇଗୋର, ହାରିୟର ଏବଂ ନେକ୍ସନର ନ୍ୟୁ ଫରେବର ରେ, ସହଜ ଫାଇନାନ୍ସିଂ ବିକଳ୍ପ, ସୁଲଭ ଇଏମଆଇ ଏବଂ ଦୀର୍ଘ ଅବଧି ଲୋନ ସହିତ ବର୍ତ୍ତମାନ ଆହୁରି ଅଧିକ ପହଂଚଯୋଗ୍ୟ ହେବ । ଏହି ସୁବିଧା ଚଳିତ ଅକ୍ଟୋବର ୩୧ ପର୍ଯ୍ୟନ୍ତ ଉପଲବ୍ଧ ରହିବ । ଏହା ସମ୍ପର୍କରେ ଟାଟା ମୋଟର୍ସ, ପାସେର ଭେଇକିଲ ବିଜନେସ ୟୁନିଟ, ଇଷ୍ଟ, ଜୋନାଲ ମ୍ୟାନେଜର ଶ୍ରୀ ରିତେଶ ବାଶିତ କହିଛନ୍ତି ଯେ, 'ଏହି ପାର୍ବଣରେ ଆମର ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ଲାଭ ଏବଂ ଫାଇନାନ୍ସ ବିକଳ୍ପର ଉପସ୍ଥାପନା କରି ଆମେ ବେଶ ଗର୍ବିତ । ହାଚବ୍ୟାକରୁ ଆରମ୍ଭ କରି ଫୁଲ ସାଇଜ ଏସୟୁଭି ପର୍ଯ୍ୟନ୍ତ ଏକ ବ୍ୟାପକ ରେଞ୍ଜ ଉତ୍ପାଦ ସହିତ ଟାଟା ମୋଟର୍ସର ନୂତନ ଫରେଭର ରେ ଏହି ଯୋଜନା ମାଧ୍ୟମରେ ବର୍ତ୍ତମାନ ଅଧିକ ପହଂଚଯୋଗ୍ୟ ହେବ । ଏହାଛଡ଼ା କମ୍ପାନୀ ପକ୍ଷରୁ ଏଚଡିଏଫସିର ସହଯୋଗରେ ଏହାର ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଲାଭଜନକ ଫାଇନାନ୍ସ ସୁବିଧାର ଘୋଷଣା କରାଯାଇଛି । ଏହି ସହବନ୍ଧିତା ଅଧୀନରେ 'ଗ୍ରାଜୁଆଲ ଷ୍ଟେପ ଅପ' ଏବଂ 'ଟିଏମଏଲ ଫ୍ଲେକ୍ସି ଡ୍ରାଇଭ' ଭଳି ଦୁଇଟି ଯୋଜନାର ଉନ୍ମୋଚନ କରାଯାଇଛି, ଯେଉଁଗୁଡ଼ିକ କମ୍ପାନୀର ଇଭି ରେଞ୍ଜ ସହିତ କାର ଓ ଏସୟୁଭିଗୁଡ଼ିକର ନ୍ୟୁ ଫରେଭର ବିଏସ ଭିଆଇ ରେଞ୍ଜରେ ଉପଲବ୍ଧ ହେବ ।